# Akashvani, Sambalpur

# SAMBALPURI NEWS BULLETIN

## 7 August 2024- 6.47- 6.52 am.

**********************************************

ଭିଜନ୍ ଡକ୍ୟୁମେଂଟ୍- ଓଡ଼ିଶା   ଆର୍ଏନ୍ୟୁ /ସମ୍ବଲପୁର

ନୀତି ଆୟୋଗ୍ର ସହଯୋଗ୍ଥି ଆଏବା ୩ ମାସ୍ ଭିତ୍ରେ ଓଡ଼ିଶାର୍ ଲାଗି ଭିଜନ୍ ଡକ୍ୟୁମେଂଟ୍ ତିଆର୍ କରାଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଭେଟିକରି ଗଲାକାଏଲ୍ ଇ ବାବ୍ଦେ ନୀତି ଆୟୋଗ୍ର କର୍ତୃପକ୍ଷ ଆଲୋଚନା କରିଛନ୍ । ପ୍ରଧାନ୍ମନ୍ତ୍ରୀଙ୍କର୍ ବିକଶିତ ଭାରତ୍ଥି ଓଡ଼ିଶା ଅଭିବୃଦ୍ଧି ଇଞ୍ଜିନ୍ ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ୨୦୩୬ ତକ୍ ଓଡ଼ିଶାର୍ ଅର୍ଥନୀତି ୫ ଶହ ବିଲିଅନ୍ ଡଲାର୍ ଆଉ ୨୦୪୭ ତକ୍ ୧ ଦଶ୍ମିକ୍ ୫୦ ଟ୍ରିଲିଅନ୍ ଡଲାର୍ ହାସଲ୍ କର୍ବାର୍ ଲକ୍ଷ୍ୟ ରଖାଯାଇଛେ ବଲି ସେ କହିଛନ୍ । ନୀତି ଆୟୋଗ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ବି.ଭି.ଆର୍ ସବ୍ରମଣ୍ୟମ୍ କହିଛନ୍ ଯେ, ପ୍ରଧାନ୍ମନ୍ତ୍ରୀଙ୍କର୍ ଓଡ଼ିଶାର୍ ବିକାଶ୍ ଉପ୍ରେ ସ୍ୱତନ୍ତ୍ର ଧ୍ୟାନ୍ ରହିଛେ । ୨୦୪୭ ର ବିକଶିତ ଭାରତ୍ ଲକ୍ଷ୍ୟ ହାସଲ୍ ଲାଗି ସବୁ

ରାଜ୍ୟର୍ ବିକାଶ୍ ଦର୍କାର୍ । ଓଡ଼ିଶା କ୍ଷେତ୍ର ନ ୨୦୩୬ ଆଉ ୨୦୪୭କେ ନଜର୍‌ଥି ରଖିକରି ୨ ଟା ଭିଜନ୍ ଡକ୍ୟୁମେଂଟ୍ ତିଆର୍ କର୍‌ବାର୍‌କେ ନୀତି ଆୟୋଗ୍ ପୁରା ସହଯୋଗ୍ କର୍‌ବା ବଲି ସେ କହିଛନ୍ ।

ଜନଶୁଣାଣି ପୋର୍ଟାଲ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଚାଲିଥିବା ଜନଶୁଣାଣିକେ ଆହୁରି ସରଲ୍ କର୍‌ବାର୍ ଲାଗି ଜନଶୁଣାଣି ପୋର୍ଟାଲ୍‌କେ ଉନ୍ନତ୍ କରାଯିବା । ଇଥି ସର୍‌କାରୀ ଅବସରପ୍ରାପ୍ତ କର୍ମଚାରୀ ମାନ୍‌କର୍ ଅଭିଯୋଗ୍ ପରିଚାଲନାର୍ ଲାଗି ଗୁଟେ ନିର୍ଦ୍ଦିଷ୍ଟ ପୃଷ୍ଠା ତିଆର୍ କରାଯିବା । ହେଲେ ଅଭିଯୋଗ୍ ଦାଖଲ୍ ଆଗ୍‌ରୁ ପଞ୍ଜିକରଣ୍‌କେ ଧରାବନ୍ଧା କରାଯିବା । ଉପର୍ ଅଧିକାରୀମାନେ ଇତାକେ ଯାଂଚ୍ କରିକରି ୩୦ ଦିନ୍ ଭିତ୍‌ରେ ନିୟମ୍ ଅନ୍‌ସାରେ ଅଭିଯୋଗ୍‌ର ସମାଧାନ୍ କର୍‌ବେ । ଜିଲ୍ଲା କି ତାର୍ ଉପର୍‌ସ୍ତର୍ ନ ଅଭିଯୋଗ୍‌ର ସମାଧାନ୍ ନାଇଁ ହେଲେ ଅଭିଯୋଗ୍‌କାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିପାର୍‌ବେ । ପଞ୍ଜିକରଣ୍ ବାବ୍‌ଦେ ଆବେଦନ୍‌କାରୀମାନ୍‌କର୍ ପାଖ୍‌ବେ ଏସ୍‌ଏମ୍‌ଏସ୍ ପଠାଯିବା ବଲି ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ ।

ରାଜସ୍ୱ ମନ୍ତ୍ରୀ ସମୀକ୍ଷା                ଆର୍‌ଏନ୍‌ୟୁ / ସମ୍ବଲପୁର

ଫି ତହସିଲ୍ ନ ହେବାର୍‌କେ ଥିବାର୍ ଉପ-ନିବନ୍ଧନ କାର୍ଯ୍ୟାଳୟକେ ଜଲ୍‌ଦି କାର୍ଯ୍ୟକାରୀ କର୍‌ବାର୍ ଲାଗି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ନିର୍ଦ୍ଦେଶ୍ ଦେଇଛନ୍ । ବିଭାଗ୍‌ର ନିବନ୍ଧନ ସେବା ମାନ୍‌କର୍ ଗଲାକାଏଲ୍ ଗୁଟେ ସମୀକ୍ଷା ବୈଠକ୍‌ଥି ରାଜସ୍ୱ ମନ୍ତ୍ରୀ  ସବୁ ନିବନ୍ଧନ ସେବାକେ ଧାରିଜ୍ ସମିଆ ଭିତ୍‌ରେ ଦେବାର୍ ଲାଗି ନିର୍ଦ୍ଦେଶ୍ ଦେଇଥିଲେ । ସବୁ ତହସିଲ୍‌ଦାର୍ ଆର୍ ନିବନ୍ଧନ ଅଧିକାରୀମାନ୍‌କୁ ଭିନ୍ ଭିନ୍ ଖେପ୍‌ଥି ନୈତିକତା, ଇ-ଗଭର୍ଣ୍ଣାନ୍ସ ଆର୍ ଅଲ୍‌ଗା ବିଷେ ଉପ୍‌ରେ ତାଲିମ୍ ଦେବାର୍‌କେ ଭିଲ୍ ବୈଠକ୍‌ଥି ଜୋର୍ ଦିଆଯାଇଥିଲା । ଉପ ନିବନ୍ଧନ୍ ଆର୍ ନିବନ୍ଧନ୍ କାର୍ଯ୍ୟାଳୟକେ ଆସୁଥିବାର୍ ଲୁକ୍‌କୁ ଏସ୍‌ଏମ୍‌ଏସ୍ ଜରିଏ ସେମାନ୍‌କର୍ ସର୍‌କାରୀ ଦେୟର ବିବରଣୀ ଜନାବାର୍‌କେ ଭିଲ୍ ମନ୍ତ୍ରୀ କହିଥିଲେ ।

ଜାତୀୟ ହସ୍ତତନ୍ତ୍ର ଦିବସ           ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ ଜାତୀୟ ହସ୍ତତନ୍ତ୍ର ଦିବସ । ହସ୍ତତନ୍ତର୍ ପ୍ରଚାର ଆଉ ପ୍ରସାର କର୍‌ବାର ସାଂଗେ ବୁଣାକାର ମାନଙ୍କୁ ତହଁକାବାର ଲାଗି ୨୦୧୫ ମସିହାନୁ ଫି ବଛର ଅଗଷ୍ଟ ୭ ତାରିଖକେ କେନ୍ଦ୍ର ସରକାରଙ୍କର ବୟନ ଆର ହସ୍ତତନ୍ତ ମନ୍ତ୍ରଣାଲୟ ତରଫୁ ଜାତୀୟ ହସ୍ତତନ୍ତ ଦିବସ ହିସାବେ ପାଲନ କରାଯାଉଛେ । ୧୯୦୫ ମସିହାଥି ଆଝିର୍ ଦିନେ ସ୍ୱଦେଶୀ ଆନ୍ଦୋଲନ୍ ମୁଲ୍ ହେଇଥିଲା । ଇ ଦିନ୍‌କେ ସୋର୍ ରଖିବାର୍ ଲାଗି ଜାତୀୟ ହନ୍ତତନ୍ତ ଦିବସ୍ ଭାବେ ପାଲନ୍ କରାଯାଉଛେ । ଦେଶର୍ ସାମାଜିକ୍ ଆର୍ ଆର୍ଥିକ୍ ଉନ୍ନତିଥି ହସ୍ତଶିଳ୍ପ ଆଉ ହସ୍ତତନ୍ତର ବଡ୍ ଭୂମିକା ରହିଛେ ।
ଇନ ଜନେଇ ଦିଆଯାଇପାରେ ଯେ, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୫ ମସିହା ଅଗଷ୍ଟ ୭ ତାରିଖ୍ ଦିନ ପହେଲା ଜାତୀୟ ହସ୍ତତନ୍ତ ଦିବସ୍ ପାଲନ୍ କରିଥିଲେ ।

ଜାତୀୟ ହସ୍ତତନ୍ତ ଦିବସ        ପି.ଆଇ.ବି.

ଆଏଜ୍ ୧୦ ନମ୍ବର୍ ଜାତୀୟ ହସ୍ତତନ୍ତ ଦିବସ୍ ପାଲନ୍ କରାଯିବା । ଇ ଅବ୍‌ସରେ ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ନ ହେବାର୍‌କେ ଥିବାର୍ କାର୍ଯ୍ୟକ୍ରମ୍‌ଥି ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନ୍‌ଖଡ୍ ମୁଖିଆ କୁନୁଆଁ ଭାବେ ଯୋଗ୍ ଦେବେ । ତାଙ୍କର୍ ସାଙ୍ଗେ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ

ଗିରିରାଜ୍ ସିଂ ଆଉ କେନ୍ଦ୍ର ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଘେରିଟା ଉପସ୍ଥିତ୍ ରହେବେ । ଇ ଦିବସ୍ ଅବ୍ସରେ ହସ୍ତତନ୍ତ ବୁଣାକାର୍ କ୍ଷେତ୍ରଥି ଭଲ୍ ପ୍ରଦର୍ଶନ୍ କରିଥିବା ବୁଣାକାର୍ମାନ୍କୁ ସନ୍ଥକବିର ପୁରସ୍କାର୍ ଦିଆଯିବା ।

ବନକଲାଗି ନୀତି ଆର୍ଏନ୍ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ନ ଶ୍ରାବଣ୍ ମାସର୍ ଉଜଲ୍ପଖର୍ ତୃତୀୟା ତିଥି ନ ଆଏଜ୍ ମାହାପୁରୁମାନ୍କର୍ ବନକଲାଗି ନୀତି ହେବା । ଇଥିର୍ଲାଗି ୨ ନମ୍ବର୍ ଭୋଗମଣ୍ଡପ୍ ନୀତି ଶେଷ୍ ହେବାର୍ ଉତ୍ରୁ ଉପର୍ବେଲା ୫ ବଜେନୁ ରାତିର୍ ୯ ବଜେତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା । ବନକଲାଗି ଉତ୍ରୁ ଶ୍ରୀଜୀଉମାନ୍କର୍ ମହାସ୍ନାନ ନୀତି ହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ ସୂଚ୍ନା ମିଲିଛେ ।

ନୂଆଁ ଓଡ଼ିଶା-ଏସ୍ଓପି ଆର୍ଏନ୍ୟୁ /ସମ୍ବଲପୁର

ନୂତନ୍, ଉନ୍ନତ, ଅଭିଳାଷା ଓଡ଼ିଶା - ନୂଆଁ-ଓ ର ଜିଲ୍ଲାସ୍ତର୍ ଲାଗି ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଜିଓର୍- ଏସ୍ଓପି ଜାରି

କରାଯାଇଛେ । ଇ ବାବ୍‌ଦେ ଦକ୍ଷତା ବିକାଶ୍ ନିର୍ଦ୍ଦେଶାଳୟ ତର୍‌ଫୁ ସବୁ ଜିଲ୍ଲା ଦକ୍ଷତା ବିକାଶ୍, ନିୟୋଜନ ଅଧିକାରୀମାନ୍‌କୁ ଚିଠି ଲେଖାଯାଇଛେ । ଇଥି କେନ୍‌ସି ପ୍ରସ୍ତାବ୍‌ର ମୂଲ୍ୟାୟନ ଆର୍ ନିଯୁକ୍ତି ଭୂମିକାକେ ଜୋର୍ ଦିଆଯିବା । ଇତାର୍‌ସହେତେ ପ୍ରଶିକ୍ଷଣ କେନ୍ଦ୍ରମାନ୍‌କର୍ ଭିତିଭୂମି ଯାଂଚ୍ କରାଯିବା । ଗାଁମାନ୍‌କେ ତାଲିମ୍ ଦିଆଯିବାର୍ ବ୍ୟବସ୍ଥା କରାଯାଇଛେ । ଛାତ୍ରଛାତ୍ରୀମାନ୍‌କୁ ରାଜ୍ୟ କି ରାଜ୍ୟବାହାରେ ନିଯୁକ୍ତି ଦିଆଯିବାର୍‌କେ ତାଲିମ୍ ସହକାରୀମାନେ ଧ୍ୟାନ୍ ଦେବେ ।

ମେଟ୍ରିକ୍ ସପ୍ଲିମେଂଟରୀ ଖାତାଦେଖା ଆର୍‌ଏନ୍‌ୟୁ /ସମ୍ବଲପୁର

ମେଟ୍ରିକ୍ ସପ୍ଲିମେଂଟରୀ ପରୀକ୍ଷା ଆଉ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଖାତା ଦେଖା କାମ୍ ଆଏଜ୍‌ଠାନୁ ମୁଲ୍ ହେବା । ସପ୍ଲିମେଂଟରୀ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀ ସଂଖ୍ୟା କମ୍ ଥିବାର୍‌ନୁ ୩ ଦିନ୍‌ତକ୍ ଖାତାଦେଖା କାମ୍ ଚାଲ୍‌ବା । ସେନ୍ତା ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ ଖାତାଦେଖା ୮ ଦିନ୍‌ତକ୍ ଚାଲ୍‌ବା ବଲି ମାଧ୍ୟମିକ ଶିକ୍ଷା ବୋର୍ଡ଼ ତର୍‌ଫୁ କୁହାଯାଇଛେ ।

ଜରୁରୀକାଲୀନ୍ ଚିକିତ୍ସା        ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଜରୁରୀକାଲୀନ୍ ଚିକିତ୍ସା ସେବାକେ ତୁର୍ତି କର୍‌ବାର୍ ଲାଗି ନେସ୍‌ନାଲ୍ ହେଲ୍‌ଥ୍ ରିସାର୍ଚ୍ଚ ପ୍ରାୟୋରିଟି ଅଧୀନ୍‌ଥି ଗୁଟେ କମିଟି ଗଠନ୍ କରାଯାଇଛେ । ଇଥି ୭ ଝନ୍ ବିଶେଷଜ୍ଞ ନୋଡ଼ାଲ୍ ଅଫିସର୍ ଦାୟିତ୍ୱଥି ରହେବେ ବଲି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ସମ୍ବଲପୁର

ମୌସୁମୀର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ଶୁକ୍ରବାର୍‌ତକ୍ ବର୍ଷା ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚନା ମିଲିଛେ । ଆଏଜ୍ ଭୋର୍ ସମିଆନୁ ସମ୍ବଲ୍‌ପୁର୍ ଆର୍ ଆଖର୍‌ପାଖର୍ ଜିଲ୍ଲା ନ ରହି ରହିକରି ବର୍ଷା ଜାରି ରହିଛେ । ସେଆଡ଼େ ଆଏଜ୍ ବର୍‌ଗଡ୍, ନୂଆପଡ଼ା, ବଲାଙ୍ଗିର୍, କଲାହାଣ୍ଡି, ସମ୍ବଲ୍‌ପୁର୍, ସୁବର୍ଣ୍ଣପୁର୍ ସହେତେ ୧୩ ଟା ଜିଲ୍ଲା ନ ଜବର୍ ବର୍ଷା ହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।